# NATIONAL NEWS BULLETIN (ODIA)
## 18 September - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜି ଦିନିକିଆ ଜୟପୁର ଗସ୍ତ ।
- ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ କାଶ୍ମୀର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆଜି ହେଉଛି ମତଗ୍ରହଣ ।
- ହରିଆଣା ବିଧାନସଭା ନିର୍ବାଚନରେ ୧ହଜାର ୩୧ ଜଣ ପ୍ରାର୍ଥୀଙ୍କର ହେବ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ।

ଏବଂ

- ବାଂଲାଦେଶର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଆବଶ୍ୟକତାକୁ ଯଥାସମ୍ଭବ ସହାୟତା ପ୍ରଦାନ କରିବ ବୋଲି ବିଶ୍ୱ ବ୍ୟାଙ୍କ୍‌ର ପ୍ରତିଶ୍ରୁତି ।

# ରାଷ୍ଟ୍ରପତି-ଜୟପୁର ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦିନିକିଆ ଜୟପୁର ଗସ୍ତରେ ଯିବେ । ମାଲବ୍ୟ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ୬୦୦ ଶଯ୍ୟା ବିଶିଷ୍ଟ ଆରାବଳୀ ହଷ୍ଟେଲ୍‌କୁ ଉଦ୍‌ଘାଟନ କରିବେ । ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନ୍‌ରାଓ ବାଗଡେ ଏବଂ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ନାରାୟଣ ପ୍ରସାଦ ପାଢ଼ି କହିଛନ୍ତି, ୨୦୨୩-୨୪ ଶିକ୍ଷାବର୍ଷର ୧ହଜାର ୩୬୧ ଜଣ ଛାତ୍ରଛାତ୍ରୀଙ୍କୁ ସମାବର୍ତ୍ତନ ଉତ୍ସବରେ ସାର୍ଟିଫିକେଟ୍ ପ୍ରଦାନ କରିବେ । ସେମାନଙ୍କ ମଧ୍ୟରେ ସ୍ନାତକ ପାଠ୍ୟକ୍ରମରେ ୮୦୫ଜଣ, ସ୍ନାତକୋତ୍ତରରେ ୪୭୭ଜଣ ଏବଂ ୭୯ ଜଣଙ୍କୁ ଡକ୍ଟରେଟ୍ ଡିଗ୍ରୀ ଧାରି ଅଛନ୍ତି ବୋଲି ସେ କହିଛନ୍ତି ।

# ପ୍ରଧାନମନ୍ତ୍ରୀ-ୟୁଏସ୍ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ୨୧ ତାରିଖ ଦିନ ଡେଲାୱେରେର ୱିଲ୍‌ମିଙ୍ଗ୍‌ଟନ୍ ଠାରେ ଆୟୋଜିତ ହେବାକୁ ଥିବା ଚତୁର୍ଥ କ୍ୱାଡ୍ ଶିଖର

ସମ୍ମିଳନୀରେ ଯୋଗଦେବେ । ଚଳିତ ଶିଖର ସମ୍ମିଳନୀର ଆୟୋଜକ ଆମେରିକାର ଅନୁରୋଧ କ୍ରମେ ଆସନ୍ତାବର୍ଷ ଭାରତ ପରବର୍ତ୍ତୀ କ୍ୱାଡ୍ ଶିଖର ସମ୍ମିଳନୀ ଆୟୋଜନ କରିବାକୁ ସମ୍ମତି ପ୍ରଦାନ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ସମ୍ମିଳନୀ ଅବସରରେ ଗତବର୍ଷ କ୍ୱାଡ୍ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଦେଶଗୁଡ଼ିକର ବିକାଶର ଲକ୍ଷ୍ୟ ପୂରଣ କରିବା ନେଇ ଆସନ୍ତା ଶିଖର ସମ୍ମିଳନୀରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ପ୍ରସ୍ତୁତ କରାଯିବ । ଆସନ୍ତା ୨୩ ତାରିଖରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ସଭା 'ସମିଟ୍ ଅଫ୍ ଦି ଫିଉଚର୍'କୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, 'ଉତ୍ତମ ଭବିଷ୍ୟତ ପାଇଁ ବହୁପକ୍ଷୀୟ ସମାଧାନ' । ଏହି ସମ୍ମିଳନୀରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ନେଇ ବୈଠକ ଆଲୋଚନା କରିବେ । ନ୍ୟୁୟର୍କରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ବିଭିନ୍ନ ଅତ୍ୟାଧୁନିକ କ୍ଷେତ୍ରରେ ଭାରତ ଏବଂ ଆମେରିକା। ସହଯୋଗକୁ ଅଧିକ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସେଠାକାର ଅଗ୍ରଣୀ କମ୍ପାନୀ ଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ ।

# ଜେକେ-ପ୍ରଥମ ପର୍ଯ୍ୟାୟ ମତଦାନ

ଜାମ୍ମୁ କାଶ୍ମୀର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଆଜି ମତଗ୍ରହଣ କରାଯାଉଛି । ଏହି ପର୍ଯ୍ୟାୟରେ ୭ଟି ଜିଲ୍ଲାର ୨୪ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯାଉଛି । ୨୩ଲକ୍ଷ ୨୭ହଜାର ୫୮୦ ଜଣ ଭୋଟର ୨୧୯ ଜଣଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେଥିମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ୯୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

୨୦୧୯ ମସିହାରେ ଅଗଷ୍ଟ ମାସରେ ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ କାଶ୍ମୀରରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ନିର୍ବାଚନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୫ ତାରିଖରେ ଏବଂ ଆସନ୍ତା ମାସ ପହିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଆସନ୍ତା ମାସ ୮ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ଉପରାଷ୍ଟ୍ରପତି

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗାନ୍ଧିନଗର ଠାରେ ଚାଲିଥିବା ଆର୍.ଇ. ଇନ୍‌ଭେଷ୍ଟ ଚତୁର୍ଥ ସଂସ୍କରଣ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ।

କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଅକ୍ଷୟଶକ୍ତି କ୍ଷେତ୍ରରେ ରାଜ୍ୟ ସରକାର ଏବଂ ଘରୋଇ ଉତ୍ପାଦନକାରୀଙ୍କ ସମେତ ବିଭିନ୍ନ ଅଂଶିଦାର ମୋଟ୍ ୩୨ ଲକ୍ଷ ୪୫ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଶକ୍ତି କ୍ଷେତ୍ରରେ ସାମ୍ପ୍ରତିକ ପରିବର୍ତ୍ତନ ସହ ତାଳ ଦେଇ ଭାରତ ଅଗ୍ରଗତି କରୁଛି । ଅକ୍ଷୟଶକ୍ତି ବିଷୟରେ ଜନସଚେତନତା  ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

## ଜୟଶଙ୍କର-ଷ୍ଟାମ୍ପସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାରତ-ରୋମାନିଆ ମିଳିତ ସ୍ମାରକୀ ଟିକଟ ନୂଆଦିଲ୍ଲୀ ଠାରେ ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଜୟଶଙ୍କରଙ୍କ ସହ ଭାରତରେ ଅବସ୍ଥାପିତ ରୋମାନିଆ ରାଷ୍ଟ୍ରଦୂତ ଡାନିୟେଲା ମାରିଆନା ସେଜୋଲୋଭ୍ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଯୋଗଦେଇଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ ରୋମାନିଆ ମଧ୍ୟରେ ଥିବା ବନ୍ଧୁତ୍ୱ ଏବଂ ସହଯୋଗର ଦୃଢ଼ତାକୁ ଏହି ଟିକଟ ଦର୍ଶାଉଛି । ଦୁଇ ଦେଶ ମଧ୍ୟରେ ୭୫

ବର୍ଷର କୂଟନୈତିକ ସମ୍ପର୍କକୁ ଏହି ଟିକଟ ମାଧ୍ୟମରେ ସମ୍ମାନୀତ କରାଯାଇଛି ବୋଲି ସେ କହିଛନ୍ତି ।

## ହରିଆଣା-ନିର୍ବାଚନ

ହରିଆଣା ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୧ହଜାର ୩୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ । ଗତ ସୋମବାର ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ପରେ  ନିର୍ବାଚନ ଲଢ଼ିବାକୁ ଥିବା ପ୍ରାର୍ଥୀଙ୍କର ତାଲିକା ଚୂଡ଼ାନ୍ତ ହୋଇଛି । ହରିଆଣା ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ୍ କହିଛନ୍ତି, ରଣାଙ୍ଗନରେ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ୧୦୧ ଜଣ ମହିଳା ଅଛନ୍ତି । ୪୬୨ ଜଣ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ମାସ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ସେଠାରେ ମତଗ୍ରହଣ କରାଯିବ ।

ଇତିମଧ୍ୟରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ନିର୍ବାଚନା ରାଲିର ଆୟୋଜନ କରାଯାଇ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରାଯାଉଛି । ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ଭିୱାନି ଏବଂ ଫରିଦାବାଦ୍ ଠାରେ ନିର୍ବାଚନୀ ରାଲିକୁ ସମ୍ବୋଧନ କରିଥିଲେ । ଭିୱାନି ନିର୍ବାଚନୀ ସଭାରେ ଶ୍ରୀ ଶାହା, ବିଜେପି ତଫସିଲ୍‌ଭୁକ୍ତ ଜାତି, ଉପଜାତି ଏବଂ ପଛୁଆବର୍ଗଙ୍କ ସଂରକ୍ଷଣ ବିରୋଧୀ ବୋଲି କଂଗ୍ରେସର ଅଭିଯୋଗକୁ

ଖଣ୍ଡନ କରିଛନ୍ତି । ଫରିଦାବାଦ ରାଲିରେ ଶ୍ରୀ ଶାହା କହିଛନ୍ତି, ବିଜେପିର ଦଳୀୟ କର୍ମୀ ସମାଜର କଲ୍ୟାଣ ପାଇଁ କାମ କରିଥାନ୍ତି । କିନ୍ତୁ କଂଗ୍ରେସ କର୍ମୀ ସେମାନଙ୍କ ପରିବାର ସଦସ୍ୟଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଛନ୍ତି । କଂଗ୍ରେସ ସରକାରଙ୍କ ବେଳେ ଦୁର୍ନୀତି ଚରମସୀମାରେ ଥିଲା ବୋଲି ଶ୍ରୀ ଶାହା କହିବା ସହ ବିଜେପି ସରକାର ଗଢ଼ିଲା ପରେ ଏହାର ସମାପ୍ତି ହୋଇଛି ବୋଲି କହିଛନ୍ତି ।

# ସୁପ୍ରିମ୍‌କୋର୍ଟ୍

ମେଘାଳୟ, ଜାମ୍ମୁ କାଶ୍ମୀର ଏବଂ ଲଦାଖ, ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶ ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ଦିଆଯାଇଥିବା ସୁପାରିଶକୁ ସୁପ୍ରିମ୍‌କୋର୍ଟ୍ କଲିଜିୟମ୍ ପରିବର୍ତ୍ତନ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମ୍‌କୋର୍ଟ୍ କଲିଜିୟମ୍ ପରିବର୍ତ୍ତିତ ନିଷ୍ପତ୍ତି ନେଇ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି । ଜଷ୍ଟିସ୍ ଇନ୍ଦ୍ର ପ୍ରସନ୍ନ ମୁଖାର୍ଜୀଙ୍କୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିଶ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ତାସି ରାବସ୍ତାନ୍‌ଙ୍କୁ ଜାମ୍ମୁ କାଶ୍ମୀର ଓ ଲଦାଖ ହାଇକୋର୍ଟ୍, ଜଷ୍ଟିସ୍ ସୁରେଶ କୁମାର କୈତ୍‌ଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ୍, ଜଷ୍ଟିସ୍ ଜି.ଏସ୍. ସାନ୍ଧୱାଲିୟାଙ୍କୁ ହିମାଚଳ ପ୍ରଦେଶ ହାଇକୋର୍ଟ୍‌ର ମୁଖ୍ୟ

ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିଶ କରାଯାଇଛି । ତେବେ ଏହି ପରିବର୍ତ୍ତିତ ସୁପାରିଶ ଜଷ୍ଟିସ୍ ମନମୋହନ, ଜଷ୍ଟିସ୍ ରାଜୀବ ସଖଦେର୍, ଜଷ୍ଟିସ୍ ନୀତିନ ମଧୁକର ଜାମଦାର୍ ଏବଂ ଜଷ୍ଟିସ୍ କେ.ଆର୍. ଶ୍ରୀରାମଙ୍କ ନିଯୁକ୍ତି ନେଇ ଦିଆଯାଇଥିବା ସୁପାରିଶକୁ ପ୍ରଭାବିତ କରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ୍ କଲିଜିୟମ୍ ସ୍ପଷ୍ଟ କରିଛି ।

## ବାଂଲାଦେଶ-ବିଶ୍ୱ ବ୍ୟାଙ୍କ୍

ଗୁରୁତ୍ୱପୂର୍ଣ୍ଣ ସଂସ୍କାର, ବନ୍ୟା ମୁକାବିଲା, ବାୟୁ ଏବଂ ସ୍ୱାସ୍ଥ୍ୟ ଗୁଣବତ୍ତା ବୃଦ୍ଧି ଲକ୍ଷ୍ୟରେ ବିଶ୍ୱ ବ୍ୟାଙ୍କ୍ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨ ବିଲିୟନ୍ ଆମେରିକୀୟ ଡଲାର୍ ନୂତନ ପାଣ୍ଠି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି । ବିଶ୍ୱ ବ୍ୟାଙ୍କ୍ କଣ୍ଟ୍ରି ନିର୍ଦ୍ଦେଶକ ଅବ୍‌ଦୌଲେୟା ଶେଖ୍ ଗତକାଲି ଏହା କହିଛନ୍ତି । ଶ୍ରୀ ଶେଖ୍ ଢାକାରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପ୍ରଫେସର ମହମ୍ମଦ ୟୁନୁସଙ୍କ ସହ ଆଲୋଚନା କରିଛନ୍ତି । ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ ରିପୋର୍ଟ୍ ଅନୁଯାୟୀ ଶ୍ରୀ ଶେଖ୍ ଆଲୋଚନା କାଳରେ ଏହି ସୂଚନା ପ୍ରଦାନ କରିଛନ୍ତି । ତେବେ ବାଂଲାଦେଶର ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଆବଶ୍ୟକତାକୁ ବିଶ୍ୱ ବ୍ୟାଙ୍କ୍ ଯଥା ସମ୍ଭବ ସହାୟତା ପ୍ରଦାନ କରିବ ବୋଲି ଶ୍ରୀ ଶେଖ୍ ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ଅତିରିକ୍ତ ଋଣ ପ୍ରଦାନ ଦ୍ୱାରା ଚଳିତ ଆର୍ଥିକ

ବର୍ଷରେ ବାଂଲାଦେଶକୁ ବିଶ୍ୱବ୍ୟାଙ୍କ୍ ଦେଉଥିବା ଋଣ ଏବଂ ଅନୁଦାନ ପରିମାଣ ପ୍ରାୟ ୩ ବିଲିୟନ୍ ଡଲାର୍‌କୁ ବୃଦ୍ଧି ପାଇବ ।

## ନେତାନ୍ୟାହୁ-ପ୍ରତିରକ୍ଷା ମନ୍ତ୍ରୀ ବୈଠକ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ମଧ୍ୟରେ ଗତକାଲି ଲେବାନନ୍‌ରେ ଘଟିଥିବା ପେଜର ବିସ୍ଫୋରଣ ନେଇ ଆଲୋଚନା ହୋଇଛି । ତେଲଆବିବ୍ ସ୍ଥିତ ହାକ୍ରିୟା ଠାରେ ଦୁଇ ନେତାଙ୍କ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ୟ ପକ୍ଷରେ ହିଜ୍‌ବୁଲା କହିଛି, ବିସ୍ଫୋରଣ ପଛ କାରଣ ଜାଣିବା ପାଇଁ ସୁରକ୍ଷା ଏବଂ ବୈଜ୍ଞାନିକ ଅନୁସନ୍ଧାନ ଜାରି ରହିଛି । ଏହି ବିସ୍ଫୋରଣ ପାଇଁ ଇସ୍ରାଏଲ୍‌କୁ ଦାୟି କରିବା ସହ ଏହାର ଜବାବ ଦିଆଯିବ ବୋଲି ହିଜ୍‌ବୁଲା କହିଛି । ତେବେ ଇସ୍ରାଏଲ୍ ଏହି ଘଟଣା ପାଇଁ ନିଜକୁ ଦାୟୀ କରି ନାହିଁ । ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଗତକାଲି ପେଜର ବିସ୍ଫୋରଣରେ ହିଜ୍‌ବୁଲା ସଦସ୍ୟଙ୍କ ସମେତ ଅତି କମ୍‌ରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ୨ହଜାର ୮୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇରାନ୍ ଗଣମାଧ୍ୟମ ଦେଇଥିବା ସୂଚନା ଅନୁଯାୟୀ ଏହି ବିସ୍ଫୋରଣରେ ଲେବାନନ୍‌ରେ ଥିବା ଇରାନ୍‌ର ରାଷ୍ଟ୍ରଦୂତ ମୋଜତବା

ଆମାନି ଆହତ ହୋଇଛନ୍ତି । ଉତ୍ତର ଇସ୍ରାଏଲ୍‌ର କର୍ତ୍ତୃପକ୍ଷ ସ୍ଥାନୀୟ ବାସିନ୍ଦାଙ୍କୁ ନିରାପଦ ଆଶ୍ରୟ ସ୍ଥଳୀରେ ରହିବାକୁ ପରାମର୍ଶ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ-ହକି

ପୁରୁଷ ଏସିଆନ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାର ବିଜୟୀ ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସେମାନଙ୍କ ପ୍ରଦର୍ଶନ, ନିଷ୍ଠା ଏବଂ ଇଚ୍ଛାଶକ୍ତି ପାଇଁ ସମଗ୍ର ଦେଶ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

ସୂଚନା ଯୋଗ୍ୟ ଭାରତୀୟ ଦଳ ପଞ୍ଚମଥର ପାଇଁ ପୁରୁଷ ଏସିଆନ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାର ଟାଇଟଲ ହାସଲ କରିଛି । ଚୀନ୍‌ର ହୁଲୁନ୍‌ବୁର୍ ଠାରେ ପ୍ରତିଯୋଗିତାର ଫାଇନାଲ୍‌ରେ ଚୀନ୍‌କୁ ୧-୦ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଭାରତ ଏହି ସଫଳତା ପାଇଛି ।